ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଓ ୍ୈଫୈଷୟିକ ଫିଶ୍ୱଫିଦ୍ୟା◻ୟ
ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 06-03-2026

ଖୋର୍ଦ୍ଧା(ଓଡିଶା) - :2026-03-06 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2026-03-07 | 2026-03-08 | 2026-03-09 | 2026-03-10 | 2026-03-11 |
|---|---|---|---|---|---|
| ବର୍ଷା (ମିମି) | 0.0 | 3.0 | 5.0 | 2.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 35.0 | 34.0 | 33.0 | 34.0 | 36.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 24.0 | 25.0 | 25.0 | 23.0 | 22.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 93 | 94 | 89 | 90 | 91 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 40 | 45 | 46 | 42 | 27 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 8 | 11 | 12 | 16 | 15 |
| ପବନର ଦିଗ (ଡିଗ୍ରୀ) | 159 | 176 | 183 | 189 | 191 |
| ମେଘାଚ୍ଛନ (ଅକ୍ଟା) | 0 | 4 | 5 | 3 | 0 |
| ସତର୍କବାଣୀ | ଗରମ ଦିନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଗରମ ଦିନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \| | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ଶନିବାର ଓ ବୁଧବାର ଦିନ ପାଗ ଶୁଖିଲା ଓ ଅନ୍ୟ ଦିନ ମାନଙ୍କରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୮ – ୧୬ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୩ - ୩୬ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୨ - ୨୫ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ଆଗାମୀ ରବିବାର ଓ ସୋମବାର ଦିନ ବିଜୁଳି ଓ ଘଡଘଡିର ସତର୍କତା ଚେତାବନୀ ରହିଛି ।

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

## ସାଧାରଣ ଉପଦେଶ:

| |
|---|
| ବର୍ତମାନ ସମୟରେ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଚାଷୀ ଭାଇ ମାନେ ପନିପରିବାରେ ବାରମ୍ବାର ଜଳ ସେଚନ କରନ୍ତୁ । ପନିପରିବା ଚାରା କୁ ଅଧିକ ତାପମାତ୍ରା ରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଲଗାନ୍ତୁ । ଜମିରେ ଜଳ ସଂରକ୍ଷଣ ପାଇଁ ହୁଡା ଓ ସିଆର ପ୍ରଣାଳୀ ଜଳ ସେଚନ କୁ ପ୍ରାଧାନ୍ୟ ଦିଅନ୍ତୁ । ଝୁଡଙ୍ଗ, ଗୁଆଁର, କଖାରୁ, କାକୁଡି ଏବଂ ତରଭୁଜ ଲଗାଇବା କାର୍ଯ୍ୟ ଜାରି ରଖନ୍ତୁ । ଯଦି ଧାନ ରେ ବକାନି ରୋଗ ଦେଖାଯାଏ, ତେବେ ଶୁଖିଲା ପାଗ ଦେଖି୧ ଲିଟର ପାଣିରେ ୧ ଗ୍ରାମ Carbendazim ୫୦ WP ମିଶାଇ ସିଂଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ଆଉଥରେ ପ୍ରୟୋଗ କରନ୍ତୁ । ବର୍ତ୍ତମାନ ଦିନର ତାପମାତ୍ରା ବଢିବାର ସମ୍ଭାବନା ଥିବାରୁ ମୁଖ୍ୟ କିଆରୀରେ କାଣ୍ଡବିନ୍ଧା ପୋକର ପ୍ରଜାପତି ଅଣ୍ଡା ଦେବା ଆରମ୍ଭ କରିବେ I ତେଣୁ ପୋକ ସର୍ବେକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୫ ଗୋଟି ଫେରୋମନ ଯନ୍ତା ବସାନ୍ତୁ I ସୋରିଷ ଗଛରେ ଛୁଇଁ ଗୁଡିକ ହଳଦିଆ ବାଦାମି ରଙ୍ଗର ହୋଇ ପତ୍ର ଝଡିବା ଅବସ୍ଥା ରେ ସକାଳ ସମୟ ରେ ଗଛ କାଟନ୍ତୁ । ଡେରିରେ ଅମଳ କଲେ ମଞ୍ଜି ଗୁଡିକ ଝଡି ପଡିବାର ସମ୍ଭାବନା ରହିଥାଏ। ଗଛ କାଟି ସାରିବା ପରେ ବିଡା ବାନ୍ଧି ୫-୬ ଦିନ ଟାଣ ଖରା ରେ ଶୁଖାଇ ଅମଳ କରନ୍ତୁ। ଅମଳ କରି ସାରିବା ପରେ ମଞ୍ଜି ଗୁଡିକୁ ସାଇତି ରଖିବା ପାଇଁ ଭଲ ଭାବରେ ଖରା ରେ ଶୁଖାଇ ଜଳୀୟ ଅଂଶ ୮ ଶତକଡା ରଖନ୍ତୁ । ଆଳୁ ଲଗାଇବାର ୭୫-୮୫ ଦିନ ପରେ ଏହାକୁ ଅମଳ କରି ଦିଅନ୍ତୁ । ଆହୁରି ଯେମିତି ଧ୍ୟାନ ଦେବେ ଜମି ରେ ଅଧିକାଂଶ ପତ୍ର ଗୁଡିକ ହଳଦିଆ ରୁ ବାଦାମି ରଙ୍ଗ ହେଇଯାଇଥିବ । ଅମଳ କରିବାର ୧୫ ଦିନ ପୂର୍ବରୁ ଜଳସେଚନ କୁ ବନ୍ଦ କରି ଦିଅନ୍ତୁ । ସମସ୍ତ ଅମଳ କରା ଯାଇଥିବା ଆଳୁ କୁ ଛାଇ ରେ ୨୪ ଘଣ୍ଟା ପାଇଁ ରଖନ୍ତୁ । ସମସ୍ତ କ୍ଷତିଗ୍ରସ୍ତ ଏବଂ ପଚା ଆଳୁକୁ ଅଲଗା କରି ଦିଅନ୍ତୁ । ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ପନିପରିବା ଚାରା କୁ ଅଧିକ ତାପମାତ୍ରା ରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଲଗାନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | କାଣ୍ଡବିନ୍ଧା ପୋକ ବାୟୁମଣ୍ଡଳ ର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଧାନ ଫସଲ ରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି। ଧାନ ଫସଲ ରେ କାଣ୍ଡ ବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୪-କିଲୋଗ୍ରାମ Chlorantraniliprole ନାମକ ଦାନାଦାର କୀଟନାଶକ କିମ୍ବା ୮-କିଲୋଗ୍ରାମ Cartap hydrochloride ୪ G ନାମକ ଦାନାଦାର କୀଟନାଶକ, ସମାନ ଓଜନ ର ବାଲିସହ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୬୦-ମିଲି Chlorantraniliprole ତରଳ କୀଟନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| ଆଖୁ | ସାର ପରିଚାଳନା ଆଖୁ ବିହନ ଲଗେଇବାର ୪୫ ଓ ୭୫ ଦିନ ବେଳକୁ ଏକର ପ୍ରତି ୬୦-କିଲୋଗ୍ରାମ ହିସାବରେ ୟୁରିୟା ସାର ପ୍ରୟୋଗ କରନ୍ତୁ। ବିହନ ଲଗେଇବାର ୧୦୫ ଦିନ ବେଳକୁ ଆଉ ଥରେ ଏକର ପ୍ରତି ୬୦- କିଲୋଗ୍ରାମ ୟୁରିୟା ସାର ସହିତ ୨୦-କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ଆଖୁ ଲଗେଇବାର ୧୨୦-ଦିନ ପରେ ଯବକ୍ଷାରଯାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ ନଚେତ ଅମଳ ବିଳମ୍ବ ହେବା ସହିତ ଶର୍କରା ଅଂଶ କମିଯାଏ ଏବଂ ଅମଳ ହ୍ରାସ ପାଇଥାଏ। |
| ବାଦାମ | ଶୋଷକ ପୋକ ବାୟୁମଣ୍ଡଳ ର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଚିନାବାଦାମ ଫସଲରେ ଶୋଷକ ପୋକ ଯଥା ଜଉ ଓ ପତ୍ର ଉକୁଣି ପୋକ ର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି । ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ଓ ପତ୍ର ଉକୁଣି ପୋକ ର ଆକ୍ରମଣ କମ ଦେଖା ଦେଉଥିଲେ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ପୋକ ର ଆକ୍ରମଣ ଅଧିକ ଦେଖା ଦେଲେ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | କୀଟନାଶକ କିମ୍ବା 50 -ମିଲି Imidacloprid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଆଳୁ | ମୃତିକ ଓ କିସମ ଅନୁଯାଇ ଆଳୁ ରୋଇବାର ୭୫ ରୁ ୮୫ ଦିନ ପରେ ଅମଳ ପାଇଁ ଉପଯୋଗୀ ହୋଇଥାଏ । ଅମଳ ର ୧୫ ଦିନ ପୂର୍ବ ରୁ ଜଳ ସେଚନ କୁ ବନ୍ଦ କରି ଦିଅନ୍ତୁ । ଅମଳ ପରେ ୨୪ ଘଣ୍ଟା ଆଳୁ କୁ ଛାଇ ରେ ଶୁଖାନ୍ତୁ । କ୍ଷତିଗ୍ରସ୍ତ ଓ ପଚି ନଷ୍ଟ ହୋଇଯାଇଥିବା ଆଳୁ କୁ ବାହାର କରି ଦିଅନ୍ତୁ । |
| କାକୁଡି | ବର୍ତମାନ ସମୟ ରେ କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡି, କଲରା, ତରଭୁଜ ଆଦି ଫସଲ ରେ ନାଲି କଖାରୁ ପୋକ ଲାଗିବାର ସମ୍ଭାବନା ରହିଛି । ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Cyantraniliprole କିମ୍ବା ୬୦ମିଲି Imidacloprid କିମ୍ବା ୪୦୦ ମିଲି Chlorpyriphos ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ପିଆଜ | ପତ୍ର ଉକୁଣୀ ପୋକ ପ୍ରାଥମିକ ଅବସ୍ଥା ରେ ପତ୍ର ଉକୁଣୀ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମି.ଲି. ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ପତ୍ର ଉକୁଣି ପୋକ ର ରାସାୟନକି ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| କଦଳୀ | ବର୍ତମାନ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି କଦଳୀ ବଗିଚାରେ ଜଳ ସେଚନ କରନ୍ତୁ ଓ ଗଛ ମୂଳ କୁ ଶୁଖିଲା ପତ୍ର ଦ୍ଵାରା ଆଚ୍ଛାଦିକରଣ କରନ୍ତୁ । ବଢୁଥିବା କଦଳୀ କାନ୍ଦିକୁ କଦଳୀ ପତ୍ରରେ ଘୋଡାଇ ରଖନ୍ତୁ । |
| | ନାଲି ବୁଢିଆଣୀ ଅଷ୍ଟପଦୀ ଗୋଲାପ ଗଛ ରେ ନାଲି ବୁଢିଆଣୀ ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ sulphur ସେଚିତ ଗୁଣ୍ଡ କିମ୍ବା ୨ ମିଲି Propargite ନାମକ କୀଟନାଶକ କିମ୍ବା ୨ ମିଲି Fenpyroximate ନାମକ କୀଟନାଶକ, ମିଶାଇ ସିଂଚନ କରନ୍ତୁ। |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଉଥିବା ରୁ କୁକୁଡା ମାନଙ୍କୁ ପର୍ଯ୍ୟାପ୍ତ ପରିମାଣ ର ଥଣ୍ଡା ପିଇବା ପାଣି ଦିଅନ୍ତୁ । ଦ୍ଵିପ୍ରହର ସମୟରେ ଖାଇବାକୁ ନ ଦେଇ ସକାଳ ଓ ସନ୍ଧ୍ୟା ସମୟରେ ଦିଅନ୍ତୁ । ୨୦-୩୦% ଅଧିକ ଭିଟାମିନ ଓ ଖଣିଜ ଦ୍ରବ୍ୟ କୁକୁଡା ଖାଦ୍ୟରେ ମିଶାନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ବଜ୍ରଧ୍ଵନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**